# Rollout of iRAD Live Application in ten more districts of Odisha

The Integrated Road Accident Database (iRAD) Project is an initiative of the Ministry of Road Transport and Highways (MoRTH), Government of India and is funded by World Bank, with the objective to improve road safety in the country. The Rollout programme of iRAD live was conducted on 25th November 2021 in presence of the Collectors, SPs, DIOs, RTOs and DRMs of 10 districts by entry of some live accident details in iRAD application.

The dignitaries emphasized on the adoption of iRAD by automating the process of working of different stakeholders and taking timely decision to provide contactless and paperless administration. They also praised NIC for implementing iRAD in different stakeholder departments of Road safety in Govt. of Odisha during the COVID situation and assisting the State Govt. for ease of capture and analysis of data of cause of accidents.

The ten new districts included in live iRAD application are **Kalahandi, Nawrangpur, Jajpur, Nayagarh, Phulbani, Jharsuguda, Sambalpur, Dhenkanal, Deogarh and Rayagada**. The total number of districts using iRAD live application in Odisha has now gone upto fifteen (15).

**Photographs of Rollout Event**



**Nawrangpur**



**Kalahandi**




**Deogarh**



**Sambalpur**



**Jajpur**



**Nayagarh**



**Phulbani**




**Rayagada**






**Jharsuguda** **Dhenkanal**

## News Paper Cuttings



ପୃଷ୍ଠା-୮
୨୬ ନଭେମ୍ବର ୨୦୨୧

### ଦୁର୍ଘଟଣା ଆପ୍ 'ଆଇ-ରାଡ୍' ଉଦ୍‌ଘାଟିତ

ସମ୍ବଲପୁର,୨୫।୧୧(ସହର): ସମ୍ବଲପୁର ଜିଲାରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ଦୁର୍ଘଟଣା ସମ୍ପର୍କିତ ତଥ୍ୟର ପ୍ରୟୋଗ ଇଣ୍ଟିଗ୍ରେଟେଡ ରୋଡ୍ ଆକ୍ସିଡେଣ୍ଟ ଡାଟାବେସ୍ (ଆଇ-ରାଡ୍) ଆରକ୍ଷୀ ଅଧୀକ୍ଷକ ବି. ଗଙ୍ଗାଧର ଜିଲାପାଳ କାର୍ଯ୍ୟାଳୟସ୍ଥ ଏନ୍‌ଆଇସି ପ୍ରେକ୍ଷାଳୟରେ ଉଦ୍‌ଘାଟନ କରିଛନ୍ତି। ଯେକୌଣସି ସ୍ଥାନରେ ଦୁର୍ଘଟଣା ଘଟିବା ସଙ୍ଗେ ସଙ୍ଗେ ଉଭୟ ଗାଡ଼ି ଚାଳକଙ୍କ ଗାଡ଼ିର ତଥ୍ୟ ସହିତ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ଏହି ଆପ୍‌ରେ ଅପଲୋଡ ହେବ। ଏହା ସର୍ବଭାରତୀୟସ୍ତରରେ ଯେକୌଣସି ଥାନାରୁ ଏହାକୁ ଦେଖିପାରିବେ। ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକର ପୂର୍ବର ତଥ୍ୟ ମଧ୍ୟ ଏଥିରେ ଉପଲବ୍ଧ ହେବ। ପରବର୍ତ୍ତୀ ସମୟରେ ଏହାକୁ ଡାକ୍ତରଖାନା ସହ ସଂଯୋଗ କରିବା ପାଇଁ ଉଦ୍ୟମ ଜାରି ରହିଥିବାବେଳେ ଆହତଙ୍କ ତୁରନ୍ତ ଚିକିତ୍ସା କରିବା ପାଇଁ ପ୍ରସ୍ତୁତ ହୋଇପାରିବେ ବୋଲି ଏସ୍‌ପି ଶ୍ରୀ ଗଙ୍ଗାଧର କହିଛନ୍ତି। ଏହାଦ୍ୱାରା ଦୁର୍ଘଟଣା ହ୍ରାସ ପାଇବା ସହ ଅପରାଧିକ ଘଟଣାରେ ମଧ୍ୟ ତଥ୍ୟ ଆଧାରରେ ଅଙ୍କୁଶ ଲଗାଯାଇପାରିବ ବୋଲି ସେ ସୂଚନା ଦେଇଛନ୍ତି। ଟ୍ରାଫିକ ଡିଏସପି ନରେନ୍ଦ୍ର କୁମାର ଷଡ଼ଙ୍ଗୀ ଜିଲାରେ ୧୬ଟି ବ୍ଲାକ୍ ସ୍ପଟ୍ ଥିବା ସହ ଏହି ତଥ୍ୟ ସଡ଼କ ଦୁର୍ଘଟଣାଜନିତ ମାମଲା କମ୍ କରିବା ସହ ସମାଧାନ କରିବାରେ ସହାୟକ ହେବ ବୋଲି କହିଛନ୍ତି। 'ଆଇ-ରାଡ୍' ଆପ୍‌ରେ ଆଜି ପ୍ରଥମକରି ସମ୍ବଲପୁର ଅଇଁଠାପାଲି ଥାନାକୁ ପଞ୍ଜିକୃତ କରିବା ସହ ଝାରସୁଗୁଡ଼ା ରାସ୍ତା କାମାକ୍ଷା ମନ୍ଦିର ସମ୍ମୁଖରେ ହୋଇଥିବା ବାଇକ୍ ଦୁର୍ଘଟଣା ମାମଲା ନଂ. ୫୩୭କୁ ଅପଲୋଡ କରାଯାଇଥିଲା। ଏହି ଅବସରରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୋଦ ସାହୁ, ଏନ୍‌ଆଇସି ଜିଲା ସୂଚନା ଅଧିକାରୀ ରୁଦ୍ରପ୍ରସାଦ ଦାଶ, ଅତିରିକ୍ତ ଏସପି ଅମରେଶ ପଣ୍ଡା, ସଦର ଏସଡିପିଓ ପ୍ରଦୀପ କୁମାର ସାହୁ ତଥା ଅଇଁଠାପାଲି, ଟାଉନ, ଧନୁପାଲି, କ୍ଷେତରାଜପୁର ଓ ସଦର ଥାନାଧିକାରୀ ଉପସ୍ଥିତ ଥିଲେ।



### ସମନ୍ୱିତ ସଡ଼କ ଦୁର୍ଘଟଣା ଡାଟାବେସ ପ୍ରକଳ୍ପ ଶୁଭାରମ୍ଭ

ଦେବଗଡ଼,୨୫।୧୧(ନି.ପ୍ର): ଦେବଗଡ଼ ଜିଲାରେ ଆଜି ସମନ୍ୱିତ ସଡ଼କ ଦୁର୍ଘଟଣା ଡାଟାବେସ ପ୍ରକଳ୍ପ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଜିଲା ସୂଚନା ବିଜ୍ଞାନ କେନ୍ଦ୍ରରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଏହି ପ୍ରକଳ୍ପ ଶୁଭାରମ୍ଭ ହୋଇଛି। ଉଦଘାଟନୀ ଉତ୍ସବରେ ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଙ୍କୁର ମଲ୍ଲିକ, ଡି.ଏସ୍.ପି. ପ୍ରଦୀପ କେର୍କେଟା , ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ଉପାଧ୍ୟାୟ ଓ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ଉତ୍ସବକୁ ଜିଲା ସୂଚନା ବିଜ୍ଞାନ ଅଧିକାରୀ କ୍ଷୀରୋଦ କୁମାର ସାହୁ ଓ ଆଇରାଡ ପ୍ରକଳ୍ପର ଜିଲା ରୋଲଆଉଟ ମ୍ୟାନେଜର ସୁଶାନ୍ତ କୁମାର ନାୟକ ପରିଚାଳନା କରିଥିଲେ। ସମଗ୍ର ଦେଶରେ ସଡକ ଦୁର୍ଘଟଣା ସମ୍ବନ୍ଧୀୟ ତଥ୍ୟକୁ ଏକାଠି କରି ବିଶ୍ଲେଷଣ କରିବା, ନିର୍ଦ୍ଦିଷ୍ଟ ସୂଚନା ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ ଦ୍ୱାରା ଦୁର୍ଘଟଣା ହ୍ରାସ କରିବା ତଥା ନୂତନ ନୀତି ଏବଂ କୌଶଳକୁ ବ୍ୟବସ୍ଥିତ କରିବା ଆଦି ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି।



### ଦୁର୍ଘଟଣାର କାରଣ ଓ ନିରାକରଣ ପାଇଁ 'ଆପ' ପ୍ରଚଳନ ବୈଠକ

ଯାଜପୁର, ତା ୨୫।୧୧ : ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ସରକାର ୧୦ ଗୋଟି ଜିଲ୍ଲାରେ ଇଣ୍ଟିଗ୍ରେଟେଡ ରୋଡ ଆକ୍ସିଡେଣ୍ଟ ଡାଟାବେସ୍ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହି ଅନୁସାରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ପକ୍ଷରୁ ୧୦ ଗୋଟି ଜିଲ୍ଲାର ସମସ୍ତ ଆରକ୍ଷୀ ଅଧୀକ୍ଷକ ମାନଙ୍କୁ ଏହି 'ଆପ୍' ର ଉନ୍ମୋଚନ ପାଇଁ ପରାମର୍ଶ ଦିଆଯାଇଥିଲା। ଗୁରୁବାର ପୂର୍ବାହ୍ନରେ ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ପି.ଆର. ନିଜ କାର୍ଯ୍ୟାଳୟରେ ଏହି ଆପ୍‌କୁ ଉନ୍ମୋଚନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଆଡିସିନାଲ ଏସ୍.ପି. ନାରାୟଣ ଚନ୍ଦ୍ର ବାରିକ, ଯାଜପୁର ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନ, ପାଣିକୋଇଲି ଥାନା ଆଇ.ଆଇ.ସି. ଚିନ୍ମୟୀ ବେହେରା, ଡି.ଆର.ଏମ୍. ଶୁଭେନ୍ଦୁ ଶତପଥୀ, ଏନ୍.ଆଇ.ସି. ର ବୈଷୟିକ ନିର୍ଦ୍ଦେଶକ ସୁଧାଂଶୁ ମୋହନ ଶତପଥୀ ଓ ସବ୍-ଇନିସ୍ପେକ୍ଟର ସୁଜିତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆପ୍ ଜରିଆରେ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡିବ। ପୋଲିସ, ପରିବହନ କର୍ତ୍ତୃପକ୍ଷ, ସ୍ୱାସ୍ଥ୍ୟ, ଜାତୀୟ ରାଜପଥ ଓ ଏନ୍.ଆଇ.ସି. ପ୍ରମୁଖଙ୍କ ଉପସ୍ଥିତିରେ ଦୁର୍ଘଟଣାର କାରଣ ଖୋଜାଯିବ। ଦୁର୍ଘଟଣାର ପ୍ରକୃତ ଡାଟାବେସ୍ ଅନଲାଇନ ମାଧ୍ୟମରେ କରାଯିବ। ଏହି ଆପ୍ ଦ୍ୱାରା କେଉଁ କାରଣରୁ ଦୁର୍ଘଟଣା ହେଉଛି ସ୍ପଷ୍ଟ ଭାବେ ଜଣାପଡିବ, ଯାହା ଫଳରେ ଦୁର୍ଘଟଣା ନିରାକରଣରେ ଏହା ସହାୟକ ହେବ। ଯାଜପୁର ସମେତ ଫୁଲବାଣୀ, ରାୟଗଡା, ନୟାଗଡ, ଢେଙ୍କାନାଳ, ସମ୍ବଲପୁର, ନବରଙ୍ଗପୁର, ଦେଓଗଡ ଓ ଝାରସୁଗୁଡା ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ କରାଯାଇଛି।



ପ୍ରମେୟ — ନୟାଗଡ଼

### ଦୁର୍ଘଟଣା ନିୟନ୍ତ୍ରଣ କରିବ ମୋବାଇଲ ଆପ୍

ଉଦ୍‌ଘାଟନ କଲେ ଏସ୍‌ପି
୧୦ ମାସରେ ୭୦ ମୃତ